# ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ସଂପାନ



ଅତିଥିମାନେ ପୁସ୍ତକର ଲୋକାର୍ପଣ କରୁଛନ୍ତି।

**ଟିଟିଲାଗଡ଼, ୨୦।୧୧(ଡି.ଏନ.ଏ.)**

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାହିତ୍ୟ ସଂସ୍କୃତି ଟିଟିଲାଗଡର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଲଳିତ ନିବନ୍ଧ ସାହିତ୍ୟ ସଂପାନ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଶା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଫେସର ଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂପାନ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କେନ୍ଦୁଝରର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ଡଃ ବଭ୍ରୁବାହାନ ମହାପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ ଓ ଟିଏଲ୍‌ଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ଗୋବର୍ଦ୍ଧନ ସାହୁ। ସାହିତ୍ୟ ସଂସ୍କୃତି ଟିଟିଲାଗଡର ସଭାପତି ଡଃ ଛାୟାକାନ୍ତ ଶତଙ୍ଗୀ ସ୍ୱାଗତ ଭାଷଣ, ଉପସଭାପତି ଡଃ ଯୁଗଳ କିଶୋର ଶତଙ୍ଗୀ ସଂପାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପଦେଷ୍ଟା ରାଜୀବ ଲୋଚନ ପାଢ଼ୀ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଡଃ ଗୋବର୍ଦ୍ଧନ ସାହୁଙ୍କ ଇଂରାଜୀ ଉପନ୍ୟାସ 'ଷ୍ଟୋରି ଅନକନଫେସଡ', ସେବକ ଚରଣ ଦାଶଙ୍କ କବିତା ସଂକଳନ 'ଯଥା ସର୍ବସ୍ୱ' ଓ ଡଃ ଛାୟାକାନ୍ତ ଶତଙ୍ଗୀଙ୍କ ପ୍ରବନ୍ଧ ସଂକଳନ 'ସାହିତ୍ୟ ବିମର୍ଶ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଜଗନ୍ନାଥ ପଣ୍ଡା, ବନମାଳୀ ଦାଶ, ରାଜମଣି ସାହୁ, କିଶୋର ମହାପାତ୍ର, ଅଖିଳ ପଣ୍ଡା, ଘନଶ୍ୟାମ ଅଗ୍ରୱାଲ, ଡା. ଘନଶ୍ୟାମ ଜୈନ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ପାଦକ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।